**୧୫ ଲକ୍ଷର ସୁନା ଅଳଙ୍କାର ଚୋରି**

**ବ୍ରହ୍ମପୁର ଅଫିସ:** ଘର ସାମଗ୍ରୀ ସ୍ଥାନାନ୍ତର ସମୟରେ ପ୍ରାୟ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଖୋଡ଼ାସିଂ ଅଞ୍ଚଳରେ ରହୁଥିବା ବିଭୁପ୍ରସାଦ ଖାଡ଼ଙ୍ଗାଙ୍କ ଅଭିଯୋଗ କ୍ରମେ ବୈଦ୍ୟନାଥପୁର ଥାନା ପୋଲିସ ୧୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଖୋଡ଼ାସିଂ ଅଞ୍ଚଳର ରାମକୃଷ୍ଣନଗର ୭ମ ଗଳିରେ ବିଭୁପ୍ରସାଦ ଖାଡଙ୍ଗା ରୁହନ୍ତି। ସେ ଗତ ୪ ତାରିଖରେ ଘର ପରିବର୍ତ୍ତନ ନିମନ୍ତେ ସମସ୍ତ ସାମଗ୍ରୀ ସ୍ଥାନାନ୍ତରିତ କରୁଥିଲେ। ଏହି ସମୟରେ ତାଙ୍କ ଘରେ ରଖିଥିବା ସୁନା ଅଳଙ୍କାର ଗୁଡ଼ିକୁ ଏକ ବ୍ୟାଗରେ ଭର୍ତ୍ତି କରି ନିଜ ପାଖରେ ରଖିଥିଲେ। ବିଭୁପ୍ରସାଦ ଅପରାହ୍ନରେ କୌଣସି କାମରେ ବାହାରକୁ ଯିବା ପୂର୍ବରୁ ଘରର ଏକ ଅଲମୀରାରେ ଉକ୍ତ ଗହଣା ଭର୍ତ୍ତି ବ୍ୟାଗଟି ରଖିଥିଲେ। ସେ କାମ ସାରି ଘରକୁ ଫେରିଥିଲେ।

# ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ/ଆସିକା, (ଡି.ଏନ.ଏ.)/ ବେଗୁନିଆପଡ଼ା,୯।୧



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭର୍ଚୁଆଲରେ ବ୍ରହ୍ମପୁର ନିମଖଣ୍ଡି ଥାନା ଉଦ୍‌ଘାଟନରେ ଉପସ୍ଥିତ ଅତିଥି

■ ଗଞ୍ଜାମ ଜିଲାରେ ୩ଟି ନୂଆ ଥାନା ଉଦ୍‌ଘାଟିତ

■ ଗ୍ରାମାଞ୍ଚଳ ଲୋକଙ୍କୁ ମିଳିବ ତ୍ୱରିତ ନ୍ୟାୟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲାର ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାରେ ଥିବା ନିମଖଣ୍ଡି, ବେଗୁନିଆପଡ଼ା ଓ କୋଟିନଡ଼ା ଥାନାକୁ ସୋମବାର ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ପୁରୁଣା ମହିଳା ଥାନାରେ ନିମଣ୍ଡି ଥାନା କାର୍ଯ୍ୟକ୍ଷମ ହୋଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳାଇ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଆଇଜି ଭୋଇ କହିଛନ୍ତି, ସଦର ଥାନା ଅଧୀନରେ ଥିବା ନିମଖଣ୍ଡି ଫାଣ୍ଡିକୁ ରୂପାନ୍ତରିତ କରାଯାଇ ନିମଖଣ୍ଡି ଥାନାରେ ପରିଣତ ହୋଇଛି। ଫଳରେ ଏହି ଥାନା ଅଧୀନରେ ରହୁଥିବା ଗ୍ରାମାଞ୍ଚଳର ଲୋକମାନଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ। ପୋଲିସ ଠିକ ପାଟ୍ରୋଲିଂ କରିବା ସହ ଲୋକମାନଙ୍କର ଧନଜୀବନ ସୁରକ୍ଷା ଦେଇପାରିବ ବୋଲି ସେ କହିଛନ୍ତି। ଆସନ୍ତା ଦେଢବର୍ଷ ମଧ୍ୟରେ ନିମଖଣ୍ଡି ଥାନାର ନୂତନ କୋଠା ନିର୍ମାଣ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ବ୍ରହ୍ମପୁର ଏସ୍‌ପି କହିଛନ୍ତି, ଏହି ଥାନାରେ ଭାବନାନନ୍ଦ ପ୍ରଧାନଙ୍କୁ ଇନ୍ସପେକ୍ଟର ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ବରୁ ଫାଣ୍ଡି ଦାୟିତ୍ୱରେ ଥିବା ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ଉକ୍ତ ଥାନାରେ ଏସଆଇ ଭାବେ ଦାୟିତ୍ୱରେ ରହିବେ, ସେହିପରି ଜରଡ଼ା ଥାନାରେ ଥିବା ଏସଆଇ ରଶ୍ମିତା ସାମଲଙ୍କୁ ଉକ୍ତ ଥାନାକୁ ବଦଳି ହୋଇଛି। ସେହିପରି ଦୁଇଜଣ ଏଏସଆଇ, ୮ ଜଣ କନଷ୍ଟେବଲ ଓ ଜଣେ ହାବିଲଦାରଙ୍କୁ ବଦଳି କରାଯାଇଛି। ସେହିପରି ଉକ୍ତ ଥାନା ଅଧୀନରେ ବର୍ତ୍ତମାନ କୁକୁଡ଼ାଖଣ୍ଡି ବ୍ଲକର ଜଗଦଳପୁର, ବୋରିଗାଁ, ନିମଖଣ୍ଡି, ଲୋଚାପଡ଼ା ଓ ହୁଗୁଳାପଟ୍ଟା ପଞ୍ଚାୟତ ରହିଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକର ଭାବିନିପୁର, ସାତକୁଟଣି ଓ ଫୁଲଟା ଗ୍ରାମ ପଞ୍ଚାୟତ ରହିଛି। ସେହିଭଳି ବ୍ରହ୍ମପୁର ମହାନଗର ନିଗମର ୨୮ ନମ୍ବର ୱାର୍ଡର ଦୁଇଟି ସାହି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରକାଶଯେ, ସଦର ଥାନା ଅଧୀନରେ ଥିବା କୁକୁଡ଼ାଖଣ୍ଡି ବ୍ଲକ ଓ ରଙ୍ଗେଇଲୁଣ୍ଡା ବ୍ଲକର ୨୨ ପଞ୍ଚାୟତର ୧୮୬ ଗାଁ ରହିଥିଲା। ଦୀର୍ଘବର୍ଷ ଧରି ନିମଖଣ୍ଡି ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ସୋମବାର ନିମଖଣ୍ଡି ଫାଣ୍ଡିକୁ ରୂପାନ୍ତରିତ କରି ତାହାକୁ ଏକ ସ୍ୱତନ୍ତ୍ର ଥାନାରେ ପରିଣତ କରିଥିଲେ। ଯାହାକୁ ସେ ଉଦଘାଟନ କରିଛନ୍ତି। ସେହିପରି କୋଦଳା ଥାନା ଅନ୍ତର୍ଗତ ବେଗୁନିଆପଡ଼ା ଫାଣ୍ଡି ଏବେ ଥାନାରେ ରୂପାନ୍ତରିତ ହୋଇଛି। ସେଠାରେ ଥାନାଧିକାରୀ ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦୁଇଜଣ ଏସଆଇ, ଜଣେ ଏଏସଆଇ, ୧୦ ଜଣ କନଷ୍ଟେବଲ ଓ ୧୧ ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ, କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ, କବିସୂର୍ଯ୍ୟନଗର ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ସେହିଭଳି ଆସିକା ଥାନା ଅଧୀନରେ ଥିବା କୋଟିନଡ଼ା ଫାଣ୍ଡି ଏବେ ଥାନାରେ ପରିଣତ ହୋଇଛି। ଏଥିରେ ଜଣେ ଇନ୍ସପେକ୍ଟର, ଦୁଇ ଜଣ ଏସ୍‌ଆଇ, ଦୁଇ ଜଣ ଏଏସ୍‌ଆଇ, ୧୦ ଜଣ କନଷ୍ଟେବଲ ଓ ୭ ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି।

## ନିମଖଣ୍ଡି ଥାନା ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକ୍ଷମ ଦାବି

ବ୍ରହ୍ମପୁର ଅଫିସ

ନିମଖଣ୍ଡି ଥାନାକୁ ବ୍ରହ୍ମପୁର ସହରର ତତ୍କାଳୀନ ମହିଳା ଥାନାରେ କାର୍ଯ୍ୟକ୍ଷମ ବଦଳରେ ସ୍ଥାନୀୟ ଅଂଚଳରେ କାର୍ଯ୍ୟକ୍ଷମ ହେବାର ଆବଶ୍ୟକତା ଥିଲା ବୋଲି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। କମିଟି ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ଦିନର ଦାବି ପରେ ନିମଖଣ୍ଡି ଫାଣ୍ଡିକୁ ଅପଗ୍ରେଡେସନ କରି ଥାନାରେ ପରିଣତ ହେଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଘୋଷଣାର ଦୀର୍ଘ ଦିନ ପରେ ତରବରିଆ ଭାବେ ପୂର୍ବରୁ କାର୍ଯ୍ୟରତ ବ୍ରହ୍ମପୁର ସହରରର ମହିଳା ଥାନାର ପୁରୁଣା କୋଠାରେ ନୂତନ ନିମଖଣ୍ଡି ଥାନାକୁ ମୁଖ୍ୟମନ୍ତ୍ରୀ ସୋମବାର ଉଦଘାଟନ କରିଛନ୍ତି। କିନ୍ତୁ ସ୍ଥାନୀୟ ଅଂଚଳରେ ଉକ୍ତ ଥାନା ପ୍ରତିଷ୍ଠିତ ହୋଇ କାର୍ଯ୍ୟକ୍ଷମ ହୋଇଥିଲେ, ଏହାର ଏକ ସକରାତ୍ମକ ପ୍ରଭାବ ସ୍ଥାନୀୟ ଅଞ୍ଚଳ ଓ ଅଞ୍ଚଳ ବାସୀଙ୍କ ମଧ୍ୟରେ ରହିବ ବୋଲି କମିଟି କହିଛି। ଏ ନେଇ ଆଗାମୀ ଦିନରେ ବ୍ରହ୍ମପୁର ଏସପିଙ୍କୁ ଭେଟି ଆଲୋଚନା କରାଯିବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସିଲୁ


@ ସାହାଜାନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇସ୍କନ୍ ୟୁଥ୍ ଫୋରମ ପକ୍ଷରୁ ପ୍ରତ୍ୟୁଷ ଉତ୍ସବ ପାଳିତ

ବ୍ରହ୍ମପୁର ଅଫିସ,୯।୧



ମୁଖ୍ୟ ଅତିଥି ପ୍ରବଚନ ପ୍ରଦାନ ।

ଇସ୍କନ୍ ୟୁଥ୍ ଫୋରମ ଆଙ୍କୁଶପୁର ତରଫରୁ ଟାଉନହଲ୍ ପରିସରରେ ପ୍ରତ୍ୟୁଷ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଓ ଅତିଥି ଭାବେ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣସ୍ୱାମୀ ମହାରାଜ ଯୋଗଦେଇଥିଲେ। ସେ ମନୁଷ୍ୟ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଧର୍ମ ଆଚରଣ, ବର୍ଣ୍ଣାଶ୍ରମ ଧର୍ମ ଓ ଜପ ବିଷୟରେ ପ୍ରବଚନ ଦେଇଥିଲେ। ଅନ୍ୟତମ ଅତିଥି ଶ୍ରୀରାଧାନାଥ ଦାସ, ମୋହନକୃଷ୍ଣ ଦାସ ଓ କେଶବ ଦାସ ଯୋଗ ଦେଇଥିଲେ। ଭଜନ ଓ ନାଟକ ପରିବେଷଣ ଉତ୍ସବଟିକୁ ଅଧିକ ଆନନ୍ଦ ମୁଖରିତ କରିଥିଲା। ଏଥିରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଭକ୍ତ ଉପସ୍ଥିତ ଥିଲେ। ମନ୍ଦିର ୟୁଥ୍ ଫୋରମର ପରିଚାଳକ ହରିପ୍ରସାଦ ଦାସଙ୍କ ସମେତ ଆନନ୍ଦ ବର୍ଦ୍ଧନ ଦାସ, ରାଧାବଲ୍ଲଭ ଦାସ, ସୁଦର୍ଶନ ହରିସେବକ ଦାସ ଓ ଅମିୟ ନିମାଇ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଓଡିଶା ଡେଭଲପ୍‌ମେଣ୍ଟ ଫୋରମର ରେଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବି ପତ୍ର

ବ୍ରହ୍ମପୁର ଅଫିସ,୯।୧

ବ୍ରହ୍ମପୁର ଓ ଦକ୍ଷିଣ ଓଡିଶାରେ ରେଲୱେର ବିକାଶ ପାଇଁ ଓଡିଶା ଡେଭଲେପମେଣ୍ଟ ଫୋରମ ପକ୍ଷରୁ ସୋମବାର ରେଳ ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଜରଦୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ ରହିଛି, ରାଜ୍ୟର ସର୍ବ ପୁରାତନ ପ୍ରମୁଖ ରେଳ ଷ୍ଟେଶନ ବ୍ରହ୍ମପୁରର ବିକାଶ ଓ ଦକ୍ଷିଣ ଓଡିଶାରେ ରେଲୱେର ବିକାଶ ନେଇ ବଜେଟରେ ସାମିଲ କରିବାକୁ ଦାବି ହୋଇଛି। ଏଥିସହ ବ୍ରହ୍ମପୁର ନିକଟସ୍ଥ ସୋରଳ କିମ୍ବା ଜଗନ୍ନାଥପୁରଠାରେ ରେଳ ଗାଡି ରହଣି ଓ ଛାଡିବା ପାଇଁ ୱାସିଂ, ଟର୍ମିନାଲ କଂପ୍ଲେକ୍ସ ନିର୍ମାଣ, ୧୦୦ ବର୍ଷ ପୁରୁଣା ବ୍ରହ୍ମପୁର ରେଳ ଷ୍ଟେଶନ କୋଠାର ସର୍ବାଙ୍ଗୀନ ବିକାଶ, ୫ ଓ ୬ ନଂ. ପ୍ଲାଟଫର୍ମ ନିର୍ମାଣ, ଲିଫ୍ଟ, କୋଚ ପୋଜିସନ ଡିସ୍‌ପ୍ଲେ ବୋର୍ଡ, ଆଲୋକ, ପାନୀୟ ଜଳ ଓ ଖାଦ୍ୟର ସୁବ୍ୟବସ୍ଥା ଓ ସମସ୍ତ ପ୍ଲାଟଫର୍ମ ଏବଂ ଷ୍ଟେଶନ ବାହାରେ ଶୌଚାଳୟ ନିର୍ମାଣ ପାଇଁ ଦାବି ହୋଇଛି। ଏଥିସହ ବ୍ରହ୍ମପୁରରୁ ମୁମ୍ବାଇ, ସୁରତ, ଦିଲ୍ଲୀ, ଜୟପୁର, ପୁରୀ ଓ ଅନ୍ୟ ସହରକୁ ପ୍ରତ୍ୟହ ଏକ୍ସପ୍ରେସ୍ ଟ୍ରେନ ଚଳଣି ପାଇଁ ଦାବି ହୋଇଛି। ଏହାସହିତ ଦକ୍ଷିଣ ଓଡିଶାର ଇଷ୍ଟଦେବୀ ତାରାତାରିଣୀ, ଉପେନ୍ଦ୍ର ଭଞ୍ଜ, କୃଷ୍ଣ ଚନ୍ଦ୍ର ଗଜପତି, ଚକରା ବିଶୋୟୀ ଓ ଲକ୍ଷ୍ମଣ ନାୟକଙ୍କ ନାମରେ ଦୂରଗାମି ରେଳ ଗାଡି ନାମକରଣ ପାଇଁ ମଧ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଫୋରମ୍ ଉପସଭାପତି ବବିତା ପାତ୍ର, ସମ୍ପାଦକ ଭି.ସୋମେଶ୍ୱର ରାଓ, ସହ ସମ୍ପାଦକ ମାନସ ରଞ୍ଜନ ପାତ୍ର ଓ ବି. ଶଙ୍କର ପାତ୍ରଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ଫୋରମ ପକ୍ଷରୁ ରେଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ପରୀକ୍ଷା ଫଳାଫଳକୁ ନେଇ ଛାତ୍ର ଅଶାନ୍ତି

ବ୍ରହ୍ମପୁର ଅଫିସ,୯।୧

**ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ**

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଶେଷ ବର୍ଷର ତୃତୀୟ ସେମିଷ୍ଟର ଇଂଲିଶ ବିଷୟ ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ଫେଲ ହୋଇଥିବା ନେଇ ଖଲିକୋଟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ସୋମବାର ଶେଷ ବର୍ଷର ଛାତ୍ରୀଛାତ୍ରମାନେ ଉକ୍ତ ବିଷୟରେ ଗ୍ରେସ ମାର୍କ ଦାବି କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପକ୍ଷରୁ କୁହାଯାଇଛି, ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଶେଷ ବର୍ଷ ବିଦ୍ୟାର୍ଥୀଙ୍କ ତୃତୀୟ ସେମିଷ୍ଟର ପରୀକ୍ଷା ୨୦୨୨ ଅପ୍ରିଲରେ ହୋଇଥିଲା। ଯାହାର ଫଳ ଚଳିତ ବର୍ଷ ଜାନୁୟାରୀ ୭ରେ ପ୍ରକାଶ ପାଇଛି। ଏହି ପରୀକ୍ଷା ଫଳରେ ବିଭିନ୍ନ ବିଭାଗର ବହୁ ଛାତ୍ରୀଛାତ୍ର ଫେଲ ହୋଇଥିବା ଅଭିଯୋଗ ହୋଇଛି। ପରୀକ୍ଷା ସମୟରେ ସିଲାବସରୁ ପ୍ରଶ୍ନ ଆସି ନ ଥିବା ନେଇ ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଶିକ୍ଷକମାନେ ସହମତି ପ୍ରକାଶ କରିବା ସହ ଉକ୍ତ ବିଷୟରେ ଗ୍ରେସ୍ ମାର୍କ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। କିନ୍ତୁ ପରୀକ୍ଷା ଫଳରେ ଇଂଲିଶ ବିଷୟରେ କୌଣସି ଗ୍ରେସ୍ ମାର୍କ ଦିଆଯାଇ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏଣୁ ପ୍ରତିଶ୍ରୁତି ମୁତାବକ ଇଂଲିଶ ବିଷୟରେ ଗ୍ରେସ୍ ମାର୍କ ଦେବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏ ନେଇ କୁଳପତି କହିଛନ୍ତି, ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରୀକ୍ଷା କମିଟି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ।

## ଗଞ୍ଜାମ ଶାସକ ଦଳରେ ବ୍ୟାପୁଛି ଅସନ୍ତୋଷ

■ ୩ ବିଧାୟିକାଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ଗର୍ଜନ

■ ଜିଲା ବିଜେଡିର ହେଉନି ସାଙ୍ଗଠନିକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୯।୧

ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ଏବେ ଶାସକ ଦଳ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପୁଛି। ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଅସନ୍ତୋଷ ବିଜେଡି ରାଜନୀତିରେ ଚିନ୍ତାର କାରଣ ହୋଇଛି। ସମାଧାନ ଲାଗି ଦଳର ଜିଲା ସଂଗଠନ ପକ୍ଷରୁ ଉଦ୍ୟମ କରାଯାଉ ନ ଥିବା ପୁରୁଖା କର୍ମୀମାନେ କହୁଛନ୍ତି। ପ୍ରଥମେ ଆସିକା ନିର୍ବାଚନମଣ୍ଡଳୀରୁ ସେଠାର ବିଧାୟିକା ଓ ତାଙ୍କ ପୁତ୍ର ତଥା ଯୁବ ବିଜେଡି ନେତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଗଲା। କେବଳ ସେତିକି ନୁହେଁ, ବିଧାୟିକାଙ୍କ ବିରୋଧରେ ମଞ୍ଚ ଗଠନ କରାଯାଇଛି। ୧୯୯୭ ଆସିକା ଲୋକ ସଭା ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୀତି ଆରମ୍ଭ କରିଥିବାରୁ ଆଗାମୀ ନିର୍ବାଚନରେ ସେ ଆସିକା ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହେବାକୁ ଅନୁରୋଧ କରି ପ୍ରସ୍ତାବ ଗୃହୀତ କରାଗଲା। ତାହା ଦଳ ସୁପ୍ରିମୋଙ୍କ ନିକଟକୁ ପଠାଯାଇଛି। ସେ କ'ଣ ନିଷ୍ପତ୍ତି ନେବେ ସେଥିପାଇଁ ବିରୋଧୀ ମଞ୍ଚ ଅପେକ୍ଷା କରିଛି। ଦ୍ୱିତୀୟ ପର୍ଯ୍ୟାୟରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଛି ଶାସକ ଦଳର ବିବାଦୀୟ ରାଜନୀତି। ସେଠାରେ ମଧ୍ୟ ବିଧାୟିକାଙ୍କ ବିରୋଧରେ ଗର୍ଜନ କରିଛନ୍ତି ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ। ନେତୃତ୍ୱ ନେଇଛନ୍ତି କୋଦଳା ଏନ୍‌ଏସିର ପୂର୍ବତନ ନଗରପାଳ। ତାଙ୍କ କୋଦଳା ବାସଭବନ ଓ ବେଗୁନିଆପଡ଼ାରେ ବିଶାଳ ସମାବେଶ କରି ବିଧାୟିକାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଉଗ୍ରରୂପ ନେବାର ନିର୍ବାଚନମଣ୍ଡଳବାସୀ ଆଶଙ୍କା କରୁଛନ୍ତି। ବିଜେଡି ଉପର ମହଲ ଏଯାବତ୍ କୌଣସି ପଦକ୍ଷେପ ନେଇନାହାନ୍ତି। ତୃତୀୟ ପର୍ଯ୍ୟାୟରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ସେଠାର ବିଧାୟିକାଙ୍କୁ ଟାର୍ଗେଟକରି ପୂର୍ବତନ ବିଜେଡି ବିଧାୟକ କର୍ମୀ ସମାବେଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାର ୩ ବିଜେଡି ବିଧାୟିକା ଦଳର ବିରୋଧୀ ଗୋଷ୍ଠୀଙ୍କ ଶିକାର ହୋଇଛନ୍ତି।

ଗୋପାଳପୁର ବିଧାୟକ ବିଜେଡିରୁ ବହିଷ୍କୃତ ହେବା ପରେ ସେ ସ୍ୱାଧୀନ ହୋଇଛନ୍ତି। ତାଙ୍କ ଖାସ୍ ସମର୍ଥକମାନେ ପ୍ରଦୀପ ସେନା ଗଠନ କରିଛନ୍ତି। ତେଣୁ ସେଠାରେ ମଧ ଦଳୀୟ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ରାଜନୈତିକ ବିଶ୍ଳେଷକ ଆଲୋଚନା କରୁଛନ୍ତି। ସେହି ବିଧାନସଭା କ୍ଷେତ୍ରର ରାଜନୀତି ଓ ଅନ୍ୟ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ ନ୍ୟସ୍ତ କରାଯାଇଛି। ସେହିପରି ହିଞ୍ଜିଳି ସେଗମେଣ୍ଟର ବିଜେଡି ରାଜନୀତି ଜଣେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ, ଏହି ଜିଲାରେ ଦୀର୍ଘ ୨୫ ବର୍ଷ ହେବ ବିଜେଡି ବିରୋଧରେ ପାଟି ଖୋଲିବାକୁ କର୍ମୀ ଓ ନେତା ସାହସ କରୁ ନ ଥିଲେ। ଏବେ ବ୍ୟତିକ୍ରମ ଘଟିଛି। ଆଗକୁ କ'ଣ ଘଟିବ ତାହା ପ୍ରଶ୍ନବାଚୀ ହୋଇଛି। ଅପରପକ୍ଷରେ ୧୫ ମାସ ହେବ ଜିଲା ବିଜେଡିର ସାଙ୍ଗଠନିକ ସମ୍ମିଳନୀ ହୋଇନାହିଁ। ୨୦୨୧ ସେପ୍ଟେମ୍ବର ୧୫ରେ ଭଞ୍ଜନଗରରେ ହୋଇଥିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ। ସାଙ୍ଗଠନିକ କାର୍ଯ୍ୟକ୍ରମ ହେଉ ନ ଥିବାରୁ ବିଶୃଙ୍ଖଳା ବଢୁଥିବା କେତେକେ ମତ ରଖିଛନ୍ତି। ତେବେ ଖୁବ୍‌ଶୀଘ୍ର ସମ୍ମିଳନୀ ଛତ୍ରପୁର ବା ଅନ୍ୟ ନିର୍ବାଚନମଣ୍ଡଳୀରେ ହେବାର ଜିଲା ବିଜେଡି ସଭାପତି ସୂଚାଇଛନ୍ତି।

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ଜେଲଦଣ୍ଡ

ବ୍ରହ୍ମପୁର ଅଫିସ,୯।୧

ଗଞ୍ଜାମ ଜିଲା ଦୌରା ଜଜ୍ ସୋମବାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ଦଫା ୩୨୪ ଅନୁସାରେ ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ମୋଗଲି ଓରଫ ସନ୍ଦୀପ ସାହୁ (୪୨)। ପୂର୍ବରୁ ଉକ୍ତ ମାମଲାରେ ୨୦୧୭ରେ ଜିଲା ଜଜ୍ ଅନ୍ୟତମ ଅଭିଯୁକ୍ତ ଚେଷ୍ଟ ମଣ୍ଟୁ ଓରଫ ଅଜିତ କୁମାର ଜେନାଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଥିଲେ ।

ପ୍ରକାଶ ଯେ, ୨୦୦୭ ସେପ୍ଟେମ୍ବର ୨୭ରେ ତୁଳସୀନଗରର ରମେଶ ସାହୁ କୌଣସି କାମରେ ରାମହରିନଗର ଯାଇଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୋଗଲି ଓ ଚେଷ୍ଟ ମଣ୍ଟୁ ତାଙ୍କ ସହ ଝଗଡ଼ା କରିଥିଲେ। ଏପରିକି ମୋଗଲି ଏକ ବନ୍ଧୁକ ବାହାରକରି ରମେଶଙ୍କ ମୁଣ୍ଡରେ ରଖି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ଚେଷ୍ଟ ମଣ୍ଟୁ ଏକ ଭଙ୍ଗା ସୋଡ଼ା ବୋତଲରେ ରମେଶଙ୍କୁ ଆକ୍ରମଣ କରିଥିଲେ। ରମେଶ ପଳାଇବା ସମୟରେ ପଛରୁ ମୋଗଲି ମଧ ଏକ ସୋଡ଼ା ବୋତଲରେ ଆକ୍ରମଣ କରିଥିଲେ। ପୋଲିସ ନଂ.ରେ ୧୧୩/୦୭ ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରିଥିଲା। ପରେ ପୋଲିସ ଚେଷ୍ଟ ମଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତ ମୋଗଲିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

ପୁରୁଷୋତ୍ତମପୁର, ୯।୧ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଧୋବାପଲ୍ଲୀ ଗ୍ରାମରେ ସୋମବାର ଯୌତୁକ ଲାଗି ସ୍ତ୍ରୀଙ୍କର ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ମାମା ସ୍ୱାଇଁ। ଏଥିନେଇ ମୃତ ମହିଳାଙ୍କ ବାପା ପୋଲିସରେ କରିଥିବା ଲିଖିତ ଅଭିଯୋଗକୁ ନେଇ ନଂ. ୧୬/୨୩ରେ ମାମଲା ରୁଜୁ କରିଛନ୍ତି। ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମର ଧୋବା ପଲେଇଙ୍କ ଝିଅ ମାମା ୩ ବର୍ଷ ତଳେ ଧୋବାପଲ୍ଲୀ ଗ୍ରାମର ରଞ୍ଜିତ ସ୍ୱାଇଁଙ୍କୁ ବିବାହ କରିଥିଲେ। ରଞ୍ଜିତ ଅଧିକ ୪୦ ହଜାର ଟଙ୍କା ଦାବିକରି ନିର୍ଯାତନା ଦେଉଥିଲେ। ରଞ୍ଜିତ ଗତ ୪ଦିନ ତଳେ ସୁରଟରୁ ଫେରି ପୁଣି ନିର୍ଯାତନା ଦେଇଥିଲେ। ରବିବାର ରାତିରେ ଏକ ଗାମୁଛାରେ ସ୍ତ୍ରୀ ତଣ୍ଟିକୁ ବାନ୍ଧି ଚିପି ହତ୍ୟା କରିଛନ୍ତି। ସକାଳୁ ପରିବାର ଲୋକେ ଉଠି ଏହା ଦେଖିବାକୁ ପାଇ ଗ୍ରାମରେ ଜଣାଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ, ଆଇଆଇସି ଓ ତଦନ୍ତକାରୀ ଅଫିସର ଘଟଣାସ୍ଥଳରୁ ମୃତଦେହ ଜବତ କରି ପଞ୍ଚନାମା କରିଛି।

# ଭାଜପା ସାଙ୍ଗଠନିକ ବୈଠକରେ ରେଳ ରାଷ୍ଟ୍ରମନ୍ତ୍ରୀ

ବ୍ରହ୍ମପୁର ଅଫିସ,୯।୧



ବୈଠକରେ ଉପସ୍ଥିତ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଓ ଅନ୍ୟମାନେ ।

■ ଭୋଟରଙ୍କ ନିକଟତର ହେବାକୁ ଦର୍ଶନାଙ୍କ ଆହ୍ୱାନ

■ କେନ୍ଦ୍ର ଯୋଜନା ସମ୍ପର୍କରେ ସଚେତନ କରାଯାଉ

ଭାଜପା କର୍ମୀମାନେ ଭୋଟରଙ୍କ ନିକଟତର ହେବା ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଇବାକୁ ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦୋଷ ଆହ୍ୱାନ ଦେଇଛନ୍ତି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରକୁ ୩ ଦିନିଆ ଗସ୍ତରେ ଆସି ଦର୍ଶନା ସୋମବାର ପହଞ୍ଚିଛନ୍ତି। ବ୍ରହ୍ମପୁର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଦଳର ଜିଲା ସଂଗଠନ କାର୍ଯ୍ୟକର୍ତ୍ତା, ପଦାଧିକାରୀ, ମହିଳା ଓ ଯୁବମୋର୍ଚ୍ଚା ନେତା, ମଣ୍ଡଳ କର୍ମକର୍ତ୍ତା, ବିଧାନସଭା ପ୍ରଭାରୀ ଏବଂ ବିଭିନ୍ନ ସେଲ ସଂଯୋଜକଙ୍କୁ ପୃଥକ ଭାବରେ ଭେଟି ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ମନ୍ତ୍ର ଫୁଙ୍କିଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ଅନେକ ଯୋଜନା ମଞ୍ଜୁର କରିଛନ୍ତି। ତେବେ ସେସବୁ ବିଜେଡି ସରକାର ବାଟବଣା କରି ରାଜ୍ୟ ସରକାରଙ୍କ ନାଁରେ ବିଭ୍ରାନ୍ତି କରୁଥିବା ସେ ସଂଗୀନ ଅଭିଯୋଗ କରିଛନ୍ତି। ଗଞ୍ଜାମ ସାଙ୍ଗଠନିକ ଜିଲା କାର୍ଯ୍ୟକର୍ତ୍ତାଙ୍କ ବୈଠକରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଥିଲେ ଖୁବ ନିକଟରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧକ୍ଷ ଗଞ୍ଜାମ ଜିଲା ଗସ୍ତରେ ଆସିବେ ଏବଂ ଜନ ସମାବେଶକୁ ସମ୍ବୋଧିତ କରିବେ। ତେବେ ନିର୍ଦ୍ଦିଷ୍ଟ ମାସ ଓ ତାରିଖ ସୂଚାଇନଥିଲେ। ଅପରପକ୍ଷରେ ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ଜାତୀୟ ଶିକ୍ଷାନୁଷ୍ଠାନ ଆଇଜର କ୍ୟାମ୍ପସ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଫେବୃୟାରୀରେ ତାହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାର ଆପାତତଃ କାର୍ଯ୍ୟକ୍ରମ ରହିଛି। ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱତନ୍ତ୍ର ଆଲୋଚନା ବେଳେ ନୂଆ ଯୁବ ଭୋଟରଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ।

ଦର୍ଶନାଙ୍କ ବୈଠକରେ ଭାଜପା ଜିଲା ସଭାପତି ବିଭୂତି ଜେନା, ପୂର୍ବତନ ସଭାପତି କାହ୍ନୁ ଚରଣ ପତି, ରାଜ୍ୟ ସଂଗଠନ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଉପସଭାପତି ଭୃଗୁ ବକ୍ସି ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ଜିଲା ଉପସଭାପତି ସୁନୀଲ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅପରାହ୍ନରେ ରେଶମ ସହରର ବୁଣାକାରମାନଙ୍କ ସହ ଆଲୋଚନା କରିଥିଲେ। ନିକଟସ୍ଥ କୁକୁଡ଼ାଖଣ୍ଡିକୁ ଯାଇ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ରହ୍ମପୁର ବୈଠକ ଶେଷରେ ଖବରଦାତାଙ୍କ ସହ ସାକ୍ଷାତକାରରେ ଦୀର୍ଘ ବର୍ଷରୁ ପ୍ରସ୍ତାବିତ ଓ ୧୩ ବର୍ଷ ତଳେ ସର୍ଭେ ସରିଥିବା ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସମସ୍ୟା ଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଉପରେ ବଲ ଫିଙ୍ଗିଥିଲେ। ବ୍ରହ୍ମପୁର-ସୁରଟ ସିଧାସଳଖ ଟ୍ରେନ ଚଳାଚଳ ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇନଥିଲେ।

